**The Dharitri**

**Date: 23.09.2018**




ଆଇଆଇଟିର ସମାବର୍ତ୍ତନ ଉତ୍ସବରେ ଯୋଗଦେଇଥିବା ମଞ୍ଚାସୀନ ଅତିଥି।

# ଶିକ୍ଷା ସମସ୍ୟା ସମାଧାନର ମନ୍ତ୍ର

ଜଟଣୀ,୨୨।୯(ଡି.ଏନ.ଏ)

ଆଇଆଇଟିଆନ୍‌ମାନେ ଜୀବିକା ଅନୁସନ୍ଧିତ୍ସୁ ନ ରହି ଅନ୍ୟମାନଙ୍କ ପାଇଁ ସୃଷ୍ଟିକାରୀ ହୋଇପାରିଲେ ବୈଷୟିକ ଶିକ୍ଷାର ସଫଳତା ପ୍ରମାଣିତ ହେବ। ସୁଯୋଗର ଦ୍ୱାର ସର୍ବଦା ଖୋଲା ନ ଥାଏ। ଏହାକୁ ଖୋଲିବାକୁ ପଡ଼ିଥାଏ। ଯାହାର କୌଶଳ ଆଇଆଇଟିଆନ୍ ଜାଣିଛନ୍ତି। ଶିକ୍ଷା ଜୀବିକା ସନ୍ଧାନର ସୂତ୍ର ନୁହେଁ, ଏହା ସମସ୍ୟା ସମାଧାନର ମନ୍ତ୍ର। ପ୍ରତ୍ୟେକ ଶିକ୍ଷା ଜନକଲ୍ୟାଣକାରୀ ହେବା ଦରକାର ବୋଲି କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ ପ୍ରାଦ୍ୟୋଗିକ ବିଭାଗର ସଚିବ ପ୍ରଫେସର ଆଶୁତୋଷ ଶର୍ମା କହିଛନ୍ତି। ଶନିବାର ଜଟଣୀ ଅରଗୁଳସ୍ଥିତ ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବରେ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହା କହିଥିଲେ।

ସେ କହିଥିଲେ ଯେ, ଅଧ୍ୟୟନ ସମୟରେ ଆଇଆଇଟି ବିଦ୍ୟାର୍ଥୀମାନେ ଜ୍ଞାନର ଉପଭୋକ୍ତା ଥିଲେ। ତେବେ ବର୍ତ୍ତମାନ ସେମାନେ ଆହରଣ କରିଥିବା ଜ୍ଞାନର ବିତରକ ଭାବେ ସମାଜର ଉପକାରରେ ଲାଗିବା ଆବଶ୍ୟକତା ରହିଛି। ଆହରଣ କରିଥିବା ବୈଷୟିକ ଜ୍ଞାନ କୌଶଳକୁ ନିଜର ଜୀବିକା ସନ୍ଧାନ ବା ପରିବାର ପ୍ରତିପୋଷଣରେ ସୀମିତ ନ ରଖି ସମାଜ ଓ ମାନବ ଜାତିର କଲ୍ୟାଣ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ମନୋବୃତ୍ତି ରଖିବାର ଆବଶ୍ୟକତା ରହିଛି ବୋଲି ସେ ଆଇଆଇଟି ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦେଇଥିଲେ। ଯୁବ ବୈଜ୍ଞାନିକମାନେ ବର୍ତ୍ତମାନ ଭାରତର ଦର୍ପଣ ସଦୃଶ ବୋଲି ସେ କହିଥିଲେ। ଆଇଆଇଟି ପରିଚାଳନା ବୋର୍ଡର ଚେୟାରମ୍ୟାନ ପଙ୍କଜ ରମଣଭାଇ ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ନିର୍ଦ୍ଦେଶକ ପ୍ରଫେସର ଆର୍.ଭି. ରାଜାକୁମାର ପ୍ରାରମ୍ଭିକ ସୂଚନା ଦେଇଥିଲେ। ସେ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାର ୧୦ ବର୍ଷ ମଧ୍ୟରେ ଅନେକ ଅଗ୍ରଗତି କରି ଏକ ମାଇଲ୍‌ଖୁଣ୍ଟ ଭାବେ ଉଭା ହୋଇଥିବା କହିଥିଲେ। ଗବେଷଣାଠାରୁ ଆରମ୍ଭ କରି ପ୍ରତ୍ୟେକ କ୍ଷେତ୍ରରେ ଏହି ଆଇଆଇଟି ଦେଶ ତଥା ଅନ୍ତର୍ଜାତୀୟ ସ୍ତରରେ କିପରି ସୁନାମ ଅର୍ଜନ କରିଛି ତା'ର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିଥିଲେ। ଆଗାମୀଦିନରେ ବିଶ୍ୱସ୍ତରରେ ଏହା ଅନ୍ୟତମ ଅଗ୍ରଣୀ ଶିକ୍ଷାନୁଷ୍ଠାନ ଭାବେ ସ୍ଥାନ ପାଇବାକୁ ଯାଉଥିବା ଦୃଢ଼ତାର ସହିତ କହିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ବି ଟେକ୍‌ରେ ସ୍କୁଲ ଅଫ୍ ମେକାନିକାଲ୍ ସାଇନ୍ସର ନନ୍ଦୁରୀ ଦିବାକର ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ ଗ୍ରହଣ କରିଥିଲେ। ଏମ୍ଏସି ସ୍କୁଲ ଅଫ୍ ବେସିକ୍ ସାଇନ୍ସର ସୟାନ୍ ରାୟ ଡାଇରେକ୍ଟରସ୍ ଗୋଲ୍ଡ ମେଡାଲରେ ଭୂଷିତ ହୋଇଥିଲେ। ସେହିପରି ବି ଟେକ୍‌ରେ

**ଆଇଆଇଟିର ସପ୍ତମ ସମାବର୍ତ୍ତନ ଉତ୍ସବ**

- ନନ୍ଦୁରୀ ଦିବାକରଙ୍କୁ ରାଷ୍ଟ୍ରପତି ସ୍ୱର୍ଣ୍ଣ ପଦକ
- ଶିକ୍ଷା ଜନକଲ୍ୟାଣକାରୀ ହେବା ଦରକାର
- ୩୩୨ରୁ ୨୧୫ଜଣ ଡିଗ୍ରୀ ଉପାଧି ଗ୍ରହଣ କଲେ

ନନ୍ଦୁରୀ ଦିବାକର, ରାମରେଡିଗାରୀ, ରାହୁଲ ରେଡ୍‌ଡୀ, କୋଲା ଲକ୍ଷ୍ମୀ ସାଇ ଶ୍ରୀ, ସ୍ନେହସୁଶାନ ଗର୍ଗ, ସୁଧାଂଶୁ ଶ୍ରୀବାସ୍ତବ, ଏମ୍‌ଟେକ୍‌ରେ ଦେବଲୀନା ମୁଖାର୍ଜୀ, ବିକାଶ ଶର୍ମା ବିଏସ୍, ବାରିକ ଅନସୂୟା ଅନୁପମ ସ୍ୱାତି, ପଲାସ ସ୍ୱର୍ଣ୍ଣକାର, କୁପିଲି ରାଭିତେଜା, ନାଜନିନ୍ ନିଘାର ସୁଲତାନ ଓ ଏମ୍ଏସି ବ୍ୟାଚ୍‌ର ସାୟନ୍ ରାୟ, ଅସ୍ମିତା ସିଂହରାୟ, ରାହୁଲ ରାନା, ଦୀପାଞ୍ଜଳି ହାଲଦାରଙ୍କୁ ଇନ୍‌ଷ୍ଟିଚ୍ୟୁଟ୍ ସିଲଭର ମେଡାଲରେ ଭୂଷିତ କରାଯାଇଥିଲା। ସେହିପରି ପାଇବାକୁ ଥିବା ୩୩୨ ଜଣ ମଧ୍ୟରୁ ୨୧୫ ଜଣ ବିଦ୍ୟାର୍ଥୀ ଡିଗ୍ରୀ ଉପାଧି ଗ୍ରହଣ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ରେଜିଷ୍ଟ୍ରାର ଦେବରାଜ ରଥ, ଡିନ୍ (ଆରଆଣ୍ଡଡି) ଆର୍.କେ. ପଣ୍ଡା, ପ୍ରଫେସର ପି.ଆର୍. ସାହୁ, ପ୍ରଫେସର ଭି.ଆର୍. ପେଡ୍ଡିରେଡି, ଅନ୍ୟ ଫାକ୍‌ଲଟି, କର୍ମଚାରୀ, ଆଇଆଇଟିର ବିଦ୍ୟାର୍ଥୀ ଓ ଅଭିଭାବକମାନେ ଉପସ୍ଥିତ ଥିଲେ।



ସ୍ୱର୍ଣ୍ଣପଦକ ପାଇଥିବା ନନ୍ଦୁରୀ ଦିବାକର।

ରାଷ୍ଟ୍ରପତି ଗୋଲ୍‌ଡ ମେଡ଼ାଲ ପାଇଥିବା ନନ୍ଦୁରୀ ଦିବାକରଙ୍କୁ ତାଙ୍କ ସଫଳତା ସମ୍ପର୍କରେ ପଚାରିବାରେ, ଏହି ପଛରେ ପିତାମାତା ଓ ପରିବାରର ସମସ୍ତ ସଦସ୍ୟଙ୍କ ସମେତ ଶିକ୍ଷାନୁଷ୍ଠାନର ଫାକ୍‌ଲଟିମାନଙ୍କର ବହୁ ଅବଦାନ ରହିଛି। ବର୍ତ୍ତମାନ ସେ ଆଇଓସିଏଲ୍‌ରେ କାର୍ଯ୍ୟରତ। ତେବେ ଆଗକୁ ସେ ଅଧିକ ଗବେଷଣା କରିବା ସହ ସମାଜ କଲ୍ୟାଣରେ ସେ ଆହରଣ କରିଥିବା ଜ୍ଞାନକୁ ବିନିଯୋଗ କରିବା ତାଙ୍କର ପ୍ରମୁଖ ଲକ୍ଷ୍ୟ ରହିଛି ବୋଲି ସେ କହିଥିଲେ।